# NATIONAL NEWS BULLETIN (ODIA)

## 23 April - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁ ବିଧାନସଭା ପାଇଁ ଶେଷ ହେଲା ମତଦାନ ।

– ପଶ୍ଚିମବଙ୍ଗରେ ୯୦ ପ୍ରତିଶତ ଏବଂ ତାମିଲନାଡୁରେ ୮୨ ପ୍ରତିଶତରୁ ଅଧିକ ମତଦାତା ସାବ୍ୟସ୍ତ କଲେ ମତାଧିକାର ।

- ସିବିଏସ୍‌ସି ଦଶମ ଶ୍ରେଣୀ ପରୀକ୍ଷା ୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାମାସ ୧୫ରୁ ଆରମ୍ଭ ।

- ଉତ୍ତରାଖଣ୍ଡର ତେହେରି ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ।

- ଭାରତୀୟ ନାଗରିକଙ୍କ ପାଇଁ ଟ୍ରାନ୍‌ଜିଟ୍ ଭିସାମୁକ୍ତ ଯାତାୟତ ସଂକ୍ରାନ୍ତ ଫ୍ରାନ୍ସ ଘୋଷଣାକୁ ଭାରତର ସ୍ୱାଗତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ମୁମ୍ବାଇ ଇଣ୍ଡିଆନ୍ସ ।

## ଇଲେକ୍‌ସନ୍

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ମତଗ୍ରହଣ ଶେଷ ହୋଇଛି । ଅପରାହ୍ଣ ୫ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ପଶ୍ଚିମବଙ୍ଗରେ ପାଖାପାଖି ୯୦ ପ୍ରତିଶତ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି । ସେଥିମଧ୍ୟରୁ ଦକ୍ଷିଣ ଦିନାଜପୁରରେ ୯୩ ଦଶମିକ୍ ୧/୨ ପ୍ରତିଶତ ମତଦାନ ହୋଇଛି । ୧୬ଟି ଜିଲ୍ଲାର ୧୫୨ଟି ଆସନ ପାଇଁ ଏହି ପର୍ଯ୍ୟାୟରେ ମତଗ୍ରହଣ ହୋଇଛି । ୧ ହଜାର ୪୭୮ ଜଣ ପ୍ରାର୍ଥିଙ୍କର ରାଜନୈତିକ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି । ସେଥିମଧ୍ୟରେ ୧୮୭ ଜଣ ମହିଳା ପ୍ରାର୍ଥି ରହିଛନ୍ତି । ପଶ୍ଚିମବଙ୍ଗର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ବୁଧବାର ୨୯ ତାରିଖ ଦିନ ଅନୁଷ୍ଠିତ ହେବ ।

ତାମିଲନାଡୁରେ ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହୋଇଛି । ଅପରାହ୍ଣ ୫ଟା ସୁଦ୍ଧା ୮୨ ଦଶମିକ୍ ୨/୪ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିବା ଜଣାପଡ଼ିଛି । ୩୮ଟି ଜିଲ୍ଲା ମଧ୍ୟରୁ ୩୦ଟି ଜିଲ୍ଲାରେ ୮୦ ପ୍ରତିଶତରୁ ଅଧିକ ଭୋଟ ପଞ୍ଜିକୃତ

ହୋଇଛି । ୨୦୧୧ ରେକର୍ଡ଼ ମତଦାନକୁ ପଛରେ ପକାଇ ଚଳିତ ଥର ନୂତନ ରେକର୍ଡ଼ ସାବ୍ୟସ୍ତ ହୋଇଛି । ତାମିଲନାଡୁର ପଶ୍ଚିମ ଜିଲ୍ଲାଗୁଡ଼ିକରେ ଅନ୍ୟ ଅଞ୍ଚଳ ଅପେକ୍ଷା ଅଧିକ ମତଦାତା ଭୋଟ ଦେଇଥିବା ଜଣାପଡ଼ିଛି । ରାଜ୍ୟର ୨୩୪ଟି ବିଧାନସଭା ଆସନ ପାଇଁ ୪ ହଜାର ୨୩ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ଇଭିଏମ୍ ନ୍‌ରେ ବନ୍ଦ ହୋଇଛି ।

ମହାରାଷ୍ଟ୍ରର ବାରମତି ଏବଂ ରାହୁରି ବିଧାନସଭା ଉପ-ନିର୍ବାଚନ ପାଇଁ ଆଜି ମତଗ୍ରହଣ ହୋଇଛି । ଅପରାହ୍ଣ ୫ଟା ସୁଦ୍ଧା ବାରମତିରେ ୫୨ ଦଶମିକ୍ ୪/୪ ପ୍ରତିଶତ ଏବଂ ରାହୁରିରେ ୫୦ ଦଶମିକ୍ ୬/୮ ପ୍ରତିଶତ ମତଦାନ ହୋଇଛି । ବାରମତି ବିଧାନସଭା ଆସନରେ ଉପ-ମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ପ୍ରାର୍ଥୀ ଅଛନ୍ତି ।

ଗୁଜରାଟର ଉମରେତ୍ ବିଧାନସଭା ଉପନିର୍ବାଚନ ପାଇଁ ମଧ୍ୟ ଆଜି ଭୋଟଗ୍ରହଣ ଅନୁଷ୍ଠିତ ହୋଇଛି ।

ଆସନ୍ତା ମାସ ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

# ଡବ୍ଲ୍ୟୁବି-କ୍ୟାମ୍ପେନିଂ

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଭୋଟ ପ୍ରଚାର ଜାରି ରହିଛି । ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଓ ରୋଡ୍ ଶୋ'ର ଆୟୋଜନ ହେଉଛି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୃଷ୍ଣନଗର ଏବଂ ମଥୁରାପୁରଠାରେ ଜନସମାବେଶକୁ ସମ୍ବୋଧନ କରିଛନ୍ତି । ବିଜେପି ରାଜ୍ୟରେ ସରକାର ଗଠନ କଲେ ପଡ଼ୋଶୀ ଦେଶଗୁଡ଼ିକର ନିର୍ଯାତିତ ସଂଖ୍ୟାଲଘୁଙ୍କୁ ନାଗରୀକତା ସଂଶୋଧନ ଆଇନ୍ ଅନୁଯାୟୀ ନାଗରୀକତ୍ୱ ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ ନିର୍ବାଚନ ପ୍ରଚାର ଅବସରରେ ରାମକୃଷ୍ଣ ମଠ ଏବଂ ମିଶନ୍‌ର ମୁଖ୍ୟାଳୟ ବେଲୁର ମଠ ପରିଦର୍ଶନ କରିଛନ୍ତି । ହାଉଡ଼ାଠାରେ ଏକ ରୋଡ୍ ଶୋ'ରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିଛନ୍ତି ।

ଅନ୍ୟତମ ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହୁଗଲିର ବାଲାଗଡ଼ ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ତୃଣମୂଳ କଂଗ୍ରେସ ନେତା ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାଠାରେ, ବାମଦଳ ମୋର୍ଚ୍ଚା ନେତା ଏମ୍.ଏ. ବେବି ଓ ବୃନ୍ଦା କରାତ ଯାଦବପୁର ଠାରେ ନିର୍ବାଚନ ର୍‍ୟାଲିକୁ ସମ୍ବୋଧନ କରିଛନ୍ତି ।

# ସିବିଏସ୍‌ସି-ସେକେଣ୍ଡ ଫେଜ୍ ଏକ୍ସଜାମ୍

ସିବିଏସ୍‌ସି ଦଶମ ଶ୍ରେଣୀ ପରୀକ୍ଷା ୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ମାସ ୧୫ ତାରିଖରୁ ଆରମ୍ଭ ହେବ । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପାଇଁ ବିଭିନ୍ନ ବିଷୟରେ ଅଧିକ ନମ୍ବର ରଖିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ଲାଗି ଏହି ପରୀକ୍ଷା ଇଚ୍ଛାଧିନ ହେବ । ପ୍ରଥମ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ବିଜ୍ଞାନ, ଗଣିତ, ସାମାଜିକ ଜ୍ଞାନ ଏବଂ ଭାଷା ବିଷୟ ମଧ୍ୟରୁ ଯେକୌଣସି ତିନୋଟି ଉନ୍ନତ ପ୍ରଦର୍ଶନ ଲକ୍ଷ୍ୟରେ ଏହି ପରୀକ୍ଷା ଦେଇପାରିବେ ବୋଲି ସିବିଏସ୍‌ସି ପକ୍ଷରୁ କୁହାଯାଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଏକ ଶିକ୍ଷାବର୍ଷ ମଧ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଏଭଳି ପଦକ୍ଷେପ ଦ୍ୱିତୀୟ ସୁଯୋଗ ପ୍ରଦାନ କରୁଛି । ଏହାଦ୍ୱାରା ଛାତ୍ରଛାତ୍ରୀ ପରୀକ୍ଷା ସମ୍ବନ୍ଧୀୟ ଚାପମୁକ୍ତ ହୋଇପାରିବେ ।

ସୂଚନା ଯୋଗ୍ୟ ଗତ ୧୫ ତାରିଖରେ ଦଶମ ଶ୍ରେଣୀ ପ୍ରଥମ ମୁଖ୍ୟ ପରୀକ୍ଷାର ଫଳାଫଳ ପ୍ରକାଶିତ ହୋଇଛି ।

## ଉତ୍ତରାଖଣ୍ଡ-ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡର ଟେହେରି ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଛି । ଚମ୍ବା ପୋଲିସ୍ ଷ୍ଟେସନ୍ ଅନ୍ତର୍ଗତ ଚମ୍ବା-କୋଟି ନେଲ୍ ସଡ଼କପଥରେ ଏକ ଯାତ୍ରୀବାହି ଗାଡ଼ି ରାସ୍ତାକଡ଼କୁ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ଚମ୍ବା ପୋଲିସ୍ ଏବଂ ଏସ୍‌ଡିଆର୍‌ଏଫ୍ ଦଳ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ । ଦୁର୍ଘଟଣା ସ୍ଥଳରୁ ତିନି ଜଣ ଆହତଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତଙ୍କ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ୨୬ ତାରିଖ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD

News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଇଣ୍ଡିଆ-ଫ୍ରାନ୍ସ

ଫ୍ରାନ୍ସ ବିମାନ ବନ୍ଦର ଦେଇ ଜାତାୟତ କରୁଥିବା ଭାରତୀୟ ନାଗରୀକଙ୍କ ପାଇଁ ଭିସା ମୁକ୍ତ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ଘୋଷଣାକୁ ଭାରତ ସ୍ୱାଗତ କରିଛି । ନୂଆଦିଲ୍ଲୀରେ ଗଣମାଧମକୁ ଆଜି ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଗତ ଫେବୃୟାରୀ ମାସରେ ମୁମ୍ବାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ମଧରେ ହୋଇଥିବା ସାକ୍ଷାତ ଆଲୋଚନା ପରିପ୍ରେକ୍ଷୀରେ ଫ୍ରାନ୍ସ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଭାରତୀୟ ପାସ୍‌ପୋର୍ଟ୍‌ଧାରୀଙ୍କ ପାଇଁ ଟ୍ରାନ୍‌ଜିଟ୍ ଭିସା ପ୍ରତ୍ୟାହାର କରିବା ନେଇ ଫ୍ରାନ୍ସ ସହମତ ହୋଇଥିଲା । ଚଳିତ ମାସ ୧୦ ତାରିଖରୁ ଭାରତୀୟ ନାଗରିକଙ୍କ ପାଇଁ ଟ୍ରାନ୍‌ଜିଟ୍ ଭିସା ମୁକ୍ତ ବ୍ୟବସ୍ଥା ଫ୍ରାନ୍ସ ବିମାନ ବନ୍ଦରରେ କାର୍ଯ୍ୟକାରୀ କରାଯାଇଛି ବୋଲି ଶ୍ରୀ ଜୟସ୍ୱାଲ

କହିଛନ୍ତି । ଦୁଇ ଦେଶ ମଧ୍ୟରେ ନିରନ୍ତର ସହଭାଗିତାକୁ ଏଭଳି ପଦକ୍ଷେପ ପ୍ରତିଫଳନ କରୁଛି ।

ପ୍ରତିରକ୍ଷା ଉପକରଣ ଓ ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ ଉପରେ ଜାପାନ୍‌ର ତିନୋଟି ନୀତିଗତ ନିଷ୍ପତ୍ତିକୁ ଭାରତ ସ୍ୱାଗତ କରିଛି ବୋଲି ଶ୍ରୀ ଜୟସ୍ୱାଲ ସୂଚନା ଦେଇଛନ୍ତି । ଉଭୟ ଦେଶ ମଧ୍ୟରେ ସୁରକ୍ଷା ସହଯୋଗ ସମ୍ପର୍କିତ ମିଳିତ ଘୋଷଣାନାମାର ଅଂଶସ୍ୱରୂପ ଜାପାନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଜାତୀୟ ସୁରକ୍ଷା କ୍ଷେତ୍ରଗୁଡ଼ିକ ପାଇଁ ଏହି ନିଷ୍ପତ୍ତି ଉଭୟ ସରକାରୀ ଓ ଘରୋଇ କ୍ଷେତ୍ର ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଓ ଶିଳ୍ପ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି । ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ଏ ନେଇ ପ୍ରକ୍ରିୟା ଜାରି ରହିଛି । ଏକ ଦ୍ୱିପାକ୍ଷିକ ସନ୍ତୁଳିତ ପାରସ୍ପରିକ ଲାଭଦାୟକ ଏବଂ ଭବିଷ୍ୟତମୁଖୀ ବାଣିଜ୍ୟ କ୍ଷେତ୍ର ସୃଷ୍ଟି କ୍ଷେତ୍ରରେ ଚୁକ୍ତିନାମା ପ୍ରସ୍ତୁତି ନେଇ ଉଭୟ ଦେଶ କାର୍ଯ୍ୟ କରୁଛନ୍ତି । ୨୦୩୦ ସୁଦ୍ଧା ବାଣିଜ୍ୟ କାରବାର ୫୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

# ଏନ୍‌ଏଚ୍‌ଏଆଇ-ଉତ୍ତରାଖଣ୍ଡ

ଉତ୍ତରାଖଣ୍ଡରେ ୧୨ କିଲୋମିଟର ଦୀର୍ଘ ଗ୍ରୀନ୍‌ଫିଲ୍ଡ ଚାରି ଲେନ୍ ବିଶିଷ୍ଟ ପ୍ରବେଶ ନିୟନ୍ତ୍ରିତ ବାଇପାସ୍ ନିର୍ମାଣ କରାଯାଉଛି । ଭାରତୀୟ ଜାତୀୟ ପ୍ରାଧିକରଣ ଏନ୍.ଏଚ୍.ଏ.ଆଇ. ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ବାଇପାସ୍ ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡ଼ରକୁ ସଂଯୋଗ କରିବ । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ବାଇପାସ୍ ନିର୍ମାଣ ସରିଲେ ଡେରାଡୁନ୍‌ରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧି ପାଇବା ସହିତ ଟ୍ରାଫିକ୍ ଭିଡ଼ ହ୍ରାସ ହେବ । ଏହି ପ୍ରକଳ୍ପ ପାଇଁ ୭୦୦ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ ହୋଇଛି ।

ଏପ୍ରିଲ୍ ୨୦୨୭ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ନେଇ ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି । ମସୁରୀ ତଥା ଉତ୍ତରାଖଣ୍ଡର କେତେକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ସଂଯୋଗୀକରଣରେ ଏହି ବାଇପାସ୍ ଉଲ୍ଲେଖନୀୟ ସାବ୍ୟସ୍ତ ହେବ । ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡ଼ର ମାଧ୍ୟମରେ ହରିଆଣା, ପଞ୍ଜାବ ଏବଂ ହିମାଚଳ ପ୍ରଦେଶ ସମେତ କେତେକ ଅଞ୍ଚଳକୁ ଆନ୍ତଃ ରାଜ୍ୟ ସଂଯୋଗୀକରଣ ଅଧିକ ଉନ୍ନତ ହୋଇପାରିବ । ଏହି ପ୍ରକଳ୍ପ ଅଧୀନରେ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ଯାତାୟତକୁ ଲକ୍ଷ୍ୟ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନଇ ସୁପରକିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।